# **Video 1 –** WATER, SANITATION & HYGIENE (W.A.S.H.) Roles & Responsibilities for elected representatives in the state of Odisha - This video is a conversation between Tiki Mausi and 2 Village Sarpanches – Sulekha & Gopi in Odisha about the provision of safe water and sanitation

[00:13] -Mausi

Namaskar! You all now have the chance to become great leaders by ensuring that everyone in the village has access to sustainable water and sanitation services.

ନମସ୍କାର! ଯଦି ଗାଁର ସମସ୍ତଙ୍କୁ  ନିରନ୍ତର ପାନୀୟ ଜଳ ଓ ପରିମଳ ସେବା ଯୋଗେଇ  ପାରିବେ ତେବେ ଆପଣମାନଙ୍କ ପାଇଁ ମହାନ ନେତା ହେବାର ସୁଯୋଗ ରହିଛି।

[00:18] -Mausi

Water is life... if safe and secure.

ଜଳ ହିଁ ଜୀବନ କିନ୍ତୁ ଯଦି ନିରାପଦ ଏବଂ ସୁରକ୍ଷିତ ଥାଏ !

[00:36] - Mausi

Safe sanitation is the key to lead a life of dignity and good health. So, every household in your Gram Panchayats must have access to a tap connection and a toilet.

ଆତ୍ମସମ୍ମାନ ଓ ଉତ୍ତମ ସ୍ୱାସ୍ଥ୍ୟ ସହ ଜୀବନଯାପନ କରିବା ପାଇଁ ନିରାପଦ ପରିମଳ ହେଉଛି ଚାବିକାଠି | ପ୍ରତ୍ୟେକ ଗ୍ରାମବାସୀ ଏକ ଟ୍ୟାପ୍ ସଂଯୋଗ ଓ ବ୍ୟକ୍ତିଗତ ଶୌଚାଳୟ ପାଇବା ନିହାତି ଆବଶ୍ୟକ |

[00:43] – Sulekha, Sarpanch

Mausi, most houses in our village already have functional tap connections and toilets.

ମାଉସୀ, ଆମଗାଁର ଅଧିକାଂଶ ଘରେ ଟ୍ୟାପ୍ ସଂଯୋଗ ସହିତ ଶୌଚାଳୟ ନିର୍ମାଣ ହୋଇଯାଇଛି |

[00:53] - Mausi

Not everyone has access to safe water and sanitation. And even those who have it don’t have access to sustainable service.

ସମସ୍ତଙ୍କ ପାଖେ ନିରାପଦ ଜଳ ଓ ପରିମଳ ବ୍ୟବସ୍ଥା ନାହିଁ ଏବଂ ଯେଉଁମାନଙ୍କର ଏହା ଅଛି, ତାହା ମଧ୍ୟ ସ୍ଥାୟୀ ନୁହେଁ |

[01:09] - Mausi

Provision of safe water and sanitation is not a one-time investment. It involves regular investments for maintenance and enhancement of service.

ନିରାପଦ ପାନୀୟ ଜଳ ଓ ପରିମଳ ପାଇଁ ଥରେ ଖର୍ଚ୍ଚ କରିଦେଲେ ହେବ ନାହିଁ,ଏହାର ନିରନ୍ତର ରକ୍ଷଣାବେକ୍ଷଣ ଓକାର୍ଯ୍ୟକାରୀତାରେ ଉନ୍ନତି ଆଣିବା ଆବଶ୍ୟକ | ଏହା ଏକ ଦୀର୍ଘକାଳୀନ ବିନିଯୋଗ ଅଟେ |

[01:27] - Mausi

You as Sarpanches must get to know your Gram Panchayat well, find out if there are households that do not have access to sustainable water and sanitation services; learn who they are, what is preventing them from getting access and work towards addressing that challenge.

ସମସ୍ୟାର ସମାଧାନ ପାଇଁ ତୁମେ ସରପଞ୍ଚ ଭାବରେ ଏହି ପଦକ୍ଷେପ ଗ୍ରହଣ କରିବା ଉଚିତ୍ | ତୁମ ଗାଁକୁ ଭଲଭାବେ ଜାଣିବା, ପ୍ରତ୍ୟେକ ବ୍ୟକ୍ତିଗତ ସମସ୍ୟାକୁ ବୁଝିବା ଏବଂ କେଉଁ ପରିବାର ସୁବିଧା ପାଇ ପାରୁନାହାଁନ୍ତି ଓ ବାକି ରହିଗଲାତାହା ଜାଣିବା ଆବଶ୍ୟକ |

[02:08] - Mausi

It is important that you understand all the support mechanism available to you to achieve our collective goal of safe water and sanitation for all. be aware of the government schemes and provisions – like, BASUDHA, Jal Jeevan Mission, Swachh Bharat Mission -II, 15th Finance Commission funds - that can support in this endeavour. Identify the right people to work with Village water sanitation committee, Block level officials and line department at district level.

ସମସ୍ତଙ୍କ ପାଇଁ ନିରାପଦ ଜଳ ଓ ପରିମଳ ସମ୍ବନ୍ଧୀୟ ଲକ୍ଷ୍ୟ ହାସଲ କରିବା ପାଇଁ ଉପଲବ୍ଧ ସମସ୍ତ ସହାୟତା ବ୍ୟବସ୍ଥାକୁ ତୁମେ ବୁଝିବା ଜରୁରୀ | ଏଥିପାଇଁ ସରକାରୀ ଯୋଜନା ଏବଂ ବ୍ୟବସ୍ଥା ବିଷୟରେ ସଚେତନ ରୁହନ୍ତୁ - ଯେପରିକି, ବସୁଧା, ଜଳ ଜୀବନ ମିଶନ , ସ୍ବଚ୍ଛ ଭାରତ ମିଶନ-୨ , ପଞ୍ଚଦଶ ଅର୍ଥ ଆୟୋଗ - ଯାହା ଏହି ପରିପ୍ରେକ୍ଷୀରେ ସହାୟକ ହୋଇପାରେ | ଏଥି ପାଇଁ ସଠିକ୍ ଲୋକଙ୍କୁ ଚିହ୍ନଟ କରନ୍ତୁ ଯଥା: ଗ୍ରାମ ଜଳ ଓ ପରିମଳ କମିଟି, ବ୍ଲକ ସ୍ତରର ଅଧିକାରୀ ଏବଂ ଜିଲ୍ଲା ସ୍ତରର ସମ୍ପୃକ୍ତ ବିଭାଗ |

[02:18] – Gopi, Sarpanch

We understand that we are expected to act as a catalyst for the development of the village towards the achievement of this goal.

ଆମେ ଜାଣୁଯେ, ଗାଁର ବିକାଶ ସହିତ ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପୂରଣ ପାଇଁ ଆମକୁଏକ ଉତ୍ସାହକ ଭାବରେ କାର୍ଯ୍ୟ କରିବାକୁ ପଡିବ|

[02:26] – Sulekha, Sarpanch

Our vision and our dedicated efforts will have a huge impact on the development of our community.

ଆମ ଦୃଷ୍ଟିକୋଣ ଏବଂ ଆମର ଉତ୍ସର୍ଗୀକୃତ ପ୍ରୟାସ ଆମ ଗୋଷ୍ଠୀର ବିକାଶ ଉପରେ ଏକ ବଡ଼ ପ୍ରଭାବ ପକାଇବ |

[02:30] – Gopi, Sarpanch

Mausi, how does taking on so much responsibility benefit me?

ମାଉସୀ, ଏତେସବୁ ଦାୟିତ୍ୱ ନେଲେ ମୋତେ କ’   ଣ ଲାଭ ମିଳିବ ?

[02:43] - Mausi

You will be known as a great leader, earning the respect of your community members for enhancing their lives and making the Panchayat clean, healthy and prosperous.

ଆପଣ ଜଣେ ମହାନ ନେତା ଭାବରେ ପରିଚିତ ହେବେ, ଲୋକଙ୍କ ଜୀବନରେଉନ୍ନତି ଏବଂ ପଞ୍ଚାୟତକୁ ସ୍ୱଚ୍ଛ, ସୁସ୍ଥ ଓ ସମୃଦ୍ଧ କରି ଆପଣ ସେମାନଙ୍କ ଠାରୁ ସମ୍ମାନ ଅର୍ଜନ କରିବେ|

[02:53] – Gopi, Sarpanch

We must convene regular meetings and include issues of water, sanitation and hygiene in the Panchayat meeting agenda.

ଆମେ ନିୟମିତ ପଞ୍ଚାୟତ ବୈଠକ ଡକାଇବୁ ଏବଂ ଏହି ବୈଠକର କାର୍ଯ୍ୟସୂଚୀରେ ଜଳ, ପରିମଳ ଓ ସ୍ୱଚ୍ଛତା ସମ୍ବନ୍ଧୀୟ ବିଷୟଗୁଡ଼ିକୁ ନିଶ୍ଚିତ ଅନ୍ତର୍ଭୁକ୍ତ କରିବୁ|

[03:09] – Sulekha, Sarpanch

We must ensure that our community members are involved in all matters– from planning, decision making, ensuring that the water and sanitation facilities are in working condition, and monitoring of the service.

ଆମକୁ ନିଶ୍ଚିତ କରିବାକୁ ହେବ ଯେ ଆମର ଗୋଷ୍ଠୀର ସଦସ୍ୟମାନେ ଜଳ ଓ ପରିମଳ ସେବା ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟଯଥା – ଯୋଜନା,କାର୍ଯ୍ୟାନ୍ୱୟନଓ ତଦାରଖରେ ସାମିଲ ଅଛନ୍ତି ଏବଂ ନିଷ୍ପତ୍ତିରେ ଭାଗ ନେଉଛନ୍ତି|

[03:17] – Gopi, Sarpanch

We must ensure that everyone in the village has sustainable/ continued access to safe water and sanitation services.

ଗାଁର ସମସ୍ତେ ଯେପରି ନିରାପଦ ଜଳ ଓ ପରିମଳରନିରନ୍ତର ସେବାପାଇବେ ତାହା ଆମକୁ ନିଶ୍ଚିତ କରିବାକୁ ପଡିବ |

[03:37] - Mausi

A great leader is someone who ensures that not one villager is left behind and always thinks long-term for his community.

ଚମତ୍କାର! ତୁମେମାନେ ଠିକ ବୁଝିଛ,ଜଣେ ମହାନ୍ ନେତା ହେଉଛନ୍ତି ସିଏ,ଯିଏକି  ନିଶ୍ଚିତ କରନ୍ତି ଯେ ଗ୍ରାମର କେହି ଜଣେ ବି ସେବାରୁ ବଞ୍ଚିତ ହୋଇନାହାନ୍ତି ଏବଂ ସର୍ବଦା ନିଜ ଗୋଷ୍ଠୀ ପାଇଁ ଦୀର୍ଘ ସ୍ଥାୟୀ ଯୋଜନା କରନ୍ତି|